## 2021

Full Marks - 80

Time - 2 hours

The figures in the right-hand margin indicate marks

Answer *all* questions

### SECTION - A

୧. ନିମ୍ନୋକ୍ତ ଯେ କୌଣସି ଚାରୋଟିର ଉତ୍ତର, ପ୍ରତ୍ୟେକ ୧୦୦ ଶବ୍ଦ ମଧ୍ୟରେ ପ୍ରଦାନ କର : ୮ × ୪

କ) ହୋଜ୍-ଖାସ୍-ତାଲାବ୍

ଖ) ଲେଖକ କୁଂଜବିହାରୀ କେଉଁ ଦୁଇ ଭାରତୀୟ ବିଦ୍ୱାନ୍‌ଙ୍କୁ ଆଲୋଚନା କରିଛନ୍ତି ? ସେହି ଆଲୋଚନାର ନିଷ୍କର୍ଷ କ'ଣ ?

ଗ) 'ବାଣିଜ୍ୟେ ବସତେ ଲକ୍ଷ୍ମୀ' କଥାଟି ମଂଗରାଜ କିପରି ବୁଝିଥିଲେ ?

ଘ) ଚମ୍ପା ଚରିତ୍ରର ବୈଶିଷ୍ଟ୍ୟ ନିରୂପଣ କର ।

ଙ) ''ଧୀର ପାଣି ପଥର କାଟେ'' - ବ୍ୟାଖ୍ୟା କର ।

ଚ) ତୁଳସୀ ବଣ ବାଘ - ବୁଝାଇ ଲେଖ ।

ଛ) ତୁମେ ନୀଳକଇଁ ରଂଗର ଛୁରୀ ମୋତେ ଚିରିଦେଇ ଯାଅ / ଚାହିଁଲା ବେଳକୁ ମୁଁ ନୁହେଁ, ତୁମେ ହିଁ ରକ୍ତରେ ବୁଡ଼ିଥାଅ । (ଶ୍ରୀରାଧାଙ୍କର ଶ୍ରୀକୃଷ୍ଣଙ୍କ ପ୍ରତି ଉକ୍ତି) - ଏହାର ଭାବାର୍ଥ ବୁଝାଇ ଦିଅ ।



ଜ) ''ସବୁ କିଛି ଘଟିବି ଘଟେନି କିଛି / ଗହଳି ଓ ଭିଡ଼ ରାସ୍ତାଟାରେ / ବିବିଧତା ବିଚ୍ଛୁରିତ ସାରା ପୃଥିବୀରେ / କେହି ଜଣେ ଆଗନ୍ତୁକ ନାହିଁ / ରଂଗ ମଂଚ ଶୁନ୍‌ଶାନ୍ / ଯେଉଁଥିରେ ନିଛାଟିଆ ବୈଶାଖର / ଦିଗ୍‌ବଳୟ ବ୍ୟାପୀ ଛାଇଥିବା ଶୂନ୍ୟତାର / ଚୋରା ଚୌହଦୀରେ / ଛାର ଦରଶୁଖା ଏକ ବରଗଛ ପରି / କାତର ଦୁଃସ୍ୱପ୍ନ ଧରି / ବଞ୍ଚେ ଯାପି / ମାଘ ବାଘ ଶୀତଟାରେ / ସତେ ଅବା / ଠିଆ ମୁଁ ଯେ କାଂକୁରି କୁଂକୁରି ।'' - ଏହାର ମର୍ମାର୍ଥ ଗଦ୍ୟରେ ଲେଖି ବୁଝାଇ ଦିଅ ।

ଝ) ଦିନ-ଦୀନ, କୃତି-କୃତୀ ର ଅର୍ଥ ଲେଖି ଏ ସବୁର ବିପରୀତ ଅର୍ଥ ବୋଧକ ଶବ୍ଦ ଲେଖ ।

ଞ) ଶୀତ-ସିତ, ମତ-ମତ୍ତ ଓ ସମ - ଶମର ଅର୍ଥ ଲେଖି ଏସବୁର ବିପରୀତ ଅର୍ଥ ବୋଧକ ଶବ୍ଦ ଲେଖ ।

### SECTION - B

୨. ନିମ୍ନୋକ୍ତ ଯେ କୌଣସି ତିନୋଟିର ଉତ୍ତର, ପ୍ରତ୍ୟେକ ୨୦୦ ଶବ୍ଦ ମଧ୍ୟରେ ପ୍ରଦାନ କର : ୧୬ × ୩

କ) 'ଛ' ମାଣ ଆଠଗୁଣ୍ଠ' ରେ ଫକୀର ମୋହନୀୟ ମୌଳିକତା ଓ କଳାତ୍ମିକତା ପ୍ରକାଶ କର ।

ଖ) 'ଛ' ମାଣ ଆଠଗୁଣ୍ଠ'ରେ ଚରିତ୍ର ଚିତ୍ରଣର ସ୍ୱାତନ୍ତ୍ର୍ୟ ପରିବେଷଣ କର ।

ଗ) 'ହିମାଦ୍ରିର ଶୃଙ୍ଗେ ଶୃଙ୍ଗେ' ଅବଲମ୍ବନରେ କୁଂଜବିହାରୀଙ୍କ ଶୈଳୀ ସଂପର୍କରେ ଆଲୋଚନା କର ।

ଘ) 'ଦୁଇ ଦିଗନ୍ତର ଆକାଶ' ଅବଲମ୍ବନରେ ପଠିତାଂଶକୁ ଭିତ୍ତିକରି ଲେଖକଙ୍କ ଐତିହ୍ୟ ସଂପ୍ରୀତି ମନୋଭାବର ପରିଚୟ ପ୍ରଦାନ କର ।

ଙ) 'ଓଧ ସଂାଗରେ ବଣଭୁଆ ବାଇ' - ବ୍ୟାଖ୍ୟା କର ।

ଚ) କରୋନା ମହାମାରୀ ଜନିତ ସମସ୍ୟା ଓ ତା'ର ଆଶୁ ସମାଧାନ ସଂପର୍କରେ ଆଲୋଚନା କର ।

ଛ) ଆଚାର, ଆବାହନ, ଆରାଧ୍ୟ, ଉପତ୍ୟକା, ଉପାୟ, ଉଠିଆ, ଏକାନ୍ନ, ଓତ, କନୀୟାନ୍, ଖେଚର, ଜଙ୍ଗମ, ପର୍ଯ୍ୟୁଷିତ, ବିଜେତା, ବ୍ୟଷ୍ଟି, ବନ୍ଦନ, ଲୋଭୀ - ଏସବୁ ଶବ୍ଦର ବିପରୀତ ଶବ୍ଦ ଲେଖ ।

ଜ) ବିଷ, ବିସ, ବୀଶ, ବିଶ; ଅନ୍ନ, ଅର୍ଣ୍ଣ; ଅନ୍ନପୃଷ୍ଟ, ଅନ୍ୟପୁଷ୍ଟ; ଅଳିକ, ଅଳୀକ; ଅଶନ, ଅସନ; ଆସକ୍ତି, ଆସତ୍ତି, କୃତି, କୃତୀ, କୃତ୍ତି; ଚିର, ଚୀର - ଏସବୁ ଶବ୍ଦର ଅର୍ଥଗତ ଭିନ୍ନତା ଦର୍ଶାଅ ।

ଝ) ''ଚିଲର ଚିତ୍କାର ନାହିଁ ସମୁଦ୍ରର ମାଛରଂକା ଦେହ / ଦୁହେଁ ଯିବା ଲୀନ ହୋଇ-ଏ ରାତିକୁ କରନା ସଂଦେହ । ଛିନ୍ନ ଭିନ୍ନ ଚେତନାରେ ଫେରିଆସୁ ସମୁଦ୍ରର ଢେଉ / ସମୁଦ୍ର ସାରସ ଆଜି ଉଡ଼ିଯିବ ବେଳ ଥାଉଁ ଥାଉଁ / କେବଳ ଗୋଟିଏ ନୀଡ଼ ସନ୍ତାନର ପ୍ରତିଶ୍ରୁତି ଘିନି / ମୋ ସତ୍ତାକୁ ଛୁଇଁବାକୁ ଆଶ୍ଚର୍ଯ୍ୟ କୁଆର ଆସେ / ଅନ୍ଧାରରେ ବାଟ ଚିହ୍ନି ଚିହ୍ନି ।'' - ଏହାର ମର୍ମାର୍ଥ ବ୍ୟାଖ୍ୟା କର ।

ଞ) ଫକୀର ମୋହନଙ୍କ ଭାଷା ଶୈଳୀର ପରିଚୟ ପଠିତ ଉପନ୍ୟାସ ଅବଲମ୍ବନରେ ପ୍ରଦାନ କର ।